ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଜୁଲାଇ, ୨୦୨୦

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିପାଟଣା(ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମରେ ବୁଧବାର ସକାଳେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ସଞ୍ଜୟ ସାହୁ (୩୦)। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୦)ରୁଜୁକରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ବିଲରୁ ଫେରି ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

**ବାରଙ୍ଗ,୧୫।୭(ଡି.ଏନ୍.ଏ.):** ମେଣ୍ଢାଶାଳ ଫାଣ୍ଡି ଅଙ୍ଗାରପଡ଼ା ଗ୍ରାମରେ ବୁଧବାର ଜଣେ ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଜନାର୍ଦ୍ଦନ ପ୍ରଧାନ(୫୮)। ଜନାର୍ଦ୍ଦନ ଚାଷ ଜମିରେ କୀଟନାଶକ ଔଷଧ ପକାଇ ଘରକୁ ଫେରିଥିଲେ। ହେଲେ ପରେ ହଠାତ୍ ଅଚେତ ହୋଇଯାଇଥିଲେ। ପରିବାର ଲୋକ ତାଙ୍କୁ ମେଣ୍ଢାଶାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

### ନିୟମ ଭାଙ୍ଗି ବିବାହ ଭୋଜି କରି ଡଣ୍ଡ ଗଣିଲେ

**ବ୍ରହ୍ମଗିରି, ୧୫। ୭(ଡି.ଏନ.ଏ):** ବ୍ରହ୍ମଗିରି ଥାନା ଅଞ୍ଚଳରେ ୨ ଜଣ ବ୍ୟକ୍ତି ନିୟମ ଉଲ୍ଲଂଘନ କରି ବିବାହ ଭୋଜି କରିଥିବାରୁ ଡଣ୍ଡ ଗଣିଛନ୍ତି। ପ୍ରାୟ ସ୍ଥାନରେ ଲୋକେ ଉଲ୍ଲଂଘନ ଭାଙ୍ଗି ବିବାହ କାର୍ଯ୍ୟ କରୁଥିବା ଖବର ପା ବୁଧବାର ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡା ଓ ଥାନା ଅଧିକାରୀ ମନୋଜ ଶତପଥୀ ଉଭୟ ମିଳିତ ଭାବେ ବ୍ରହ୍ମଗିରି ଅଞ୍ଚଳର ୬ଟି ସ୍ଥାନରେ ଚଢ଼ାଉ କରିଥିଲେ। ସେଥିମଧ୍ୟରୁ ୪ ଟି ସ୍ଥାନରେ ଭୋଜି ପ୍ରସ୍ତୁତ ହେଉଥିବାରୁ ଏହାକୁ ବନ୍ଦ କରିଥିଲେ। ଆଉ ଦୁଇଟି ସ୍ଥାନରେ ବିବାହ କାର୍ଯ୍ୟରେ କୋଭିଡ ନିୟମ ଭାଙ୍ଗି ସୀମିତରୁ ଊର୍ଦ୍ଧ୍ୱ ଲୋକ ଭୋଜିରେ ଥିବା ଦେଖି ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

### ଯୁବତୀଙ୍କ ଆତ୍ମହତ୍ୟା

**ନିମାପଡ଼ା,୧୫।୭(ଡି.ଏନ୍.ଏ.):** ନିମାପଡ଼ା ଥାନା ବିଜିପୁର ଗ୍ରାମରେ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ବୁଧବାର ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଦୀପାଳି ଭୋଇ(୨୦)। ଘରେ ଓଢ଼ଣୀକୁ ବେକରେ ବାନ୍ଧି ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ଅନ୍ୟପଟେ ଦୀପାଳି କିଛିଦିନ ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ପରେ ଏହି ଯନ୍ତ୍ରଣା ଦିନକୁ ଦିନ ବଢ଼ିବାରେ ଲାଗିଥିଲା। ଏହି ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ମୃତାଙ୍କ ବାପା ଦାମୋଦର ଭୋଇ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ.୧୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଅନ୍ତର୍ଜାତୀୟ ଅନ୍‌ଲାଇନ କଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର, ୧୫।୭(ଡି.ଏନ୍.ଏ.):** ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ହାଇଦ୍ରାବାଦର କଳାମିତ୍ର ଫାଉଣ୍ଡେଶନର ମିଳିତ ସହଯୋଗରେ ବୁଧବାର ଅନ୍ତର୍ଜାତୀୟ ଅନ୍‌ଲାଇନ କଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଲଳିତ କଳା ଏକାଡେମୀ, ନୂଆଦିଲ୍ଲୀର ଭାରାପ୍ରାପ୍ତ ସଚିବ ରାମକୃଷ୍ଣ ବେଦାଲା ଓ କର୍ଣାଟକର ଆଇଡିଆଲ ଫାଇନ ଆର୍ଟ ସୋସାଇଟିର ସଚିବ ଡ.ଆଦାନୀ ଭି.ଜି. ଏହାକୁ ଉଦ୍‌ଘାଟନ କରିଥିଲେ। ଗୁଗଲ ମିଟ୍ ମାଧ୍ୟମରେ ଉଦ୍‌ଘାଟନୀ ଉତ୍ସବରେ ପ୍ରାରମ୍ଭରେ କଳାମିତ୍ର ଫାଉଣ୍ଡେଶନର ସଭାପତି ଏମ୍.ରମେଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ ଏହି ପ୍ରଦର୍ଶନୀ ସମ୍ପର୍କରେ କହିଥିଲେ। ଏଥିରେ ଭାରତ ସମେତ କୋରିଆ, ଲେବାନନ, ଭିଏତନାମ, ନେପାଳ, ହଙ୍ଗେରି, ବାଂଲାଦେଶ, ଇଣ୍ଡୋନେସିଆ, ଶ୍ରୀଲଙ୍କାରୁ ୧୫୦ଜଣ ଚିତ୍ର ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀ 'ଧଉଳି ଆର୍ଟ ଆଣ୍ଡ କ୍ରାଫ୍ଟସ ଭୁବନେଶ୍ୱର' ଫେସବୁକ ପେଜରେ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ।

### ବଡ଼ନାଉପୁଟ ୭୨ ଘଣ୍ଟା ଶଟ୍‌ଡାଉନ

**ତିଗିରିଆ,୧୫।୭(ଡି.ଏନ୍.ଏ.):** ତିଗିରିଆ ବ୍ଲକ ବଡ଼ନାଉପୁଟ ପଞ୍ଚାୟତ ଅନ୍ତର୍ଗତ ଶାଳିଜଙ୍ଗା ଗ୍ରାମର ଜଣେ ୨୮ ବର୍ଷୀୟ ଯୁବକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ସରପଞ୍ଚ ସସ୍ମିତା ରାଉତ ଉକ୍ତ ପଞ୍ଚାୟତକୁ ୭୨ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଆକ୍ରାନ୍ତ ଯୁବକଙ୍କୁ ମାଧବପୁରସ୍ଥିତ ଜିମସାର୍ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି ବୋଲି ସେ କହିଛନ୍ତି।

# ଅନିଶ୍ଚିତତାରେ ଧଉଳି ରୋପ୍ ୱେ

**ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୧୫।୭(ଡିଏନ୍.ଏ.)**

ଧଉଳିରେ ହେବାକୁ ଥିବା ରୋପ୍ ୱେ ପାଇଁ ଆଶା ମଉଳିଛି। ରୋପ୍ ୱେ ନିର୍ମାଣ ପାଇଁ କାର୍ଯ୍ୟଭାର ଦିଆଯାଇଥିବା ସଂସ୍ଥା ଠିକ୍ ସମୟରେ କାର୍ଯ୍ୟ ନ କରିପାରିବାରୁ ପର୍ଯ୍ୟଟନ ବିଭାଗ ଏହାକୁ ବାତିଲ କରିଛି। ଫଳରେ ଏହି ରୋପ ୱେ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ୨୦୧୯ରେ ରୋପ୍ ୱେ ନିର୍ମାଣ ପାଇଁ ପର୍ଯ୍ୟଟନ ବିଭାଗ ଓଡ଼ିଶା କନ୍‌ଷ୍ଟ୍ରକଶନ୍ କର୍ପୋରେଶନ ଲିମିଟେଡ୍(ଓସିସିଏଲ୍)କୁ ପ୍ରକଳ୍ପ କାର୍ଯ୍ୟ ଦେଇଥିଲା। ମାତ୍ର ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ଶାନ୍ତିସ୍ତୂପରେ ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇପାରିନାହିଁ, ଯେଉଁଥିପାଇଁ ପର୍ଯ୍ୟଟନ ବିଭାଗ ଓସିସି ହାତରୁ ଏହି ପ୍ରକଳ୍ପକୁ କାଢି ନେଇଥିବା ଜଣାପଡ଼ିଛି। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଯାଦବ ଓଡ଼ିଶା କନ୍‌ଷ୍ଟ୍ରକଶନ୍ କର୍ପୋରେଶନ ଏମ୍‌ଡିଙ୍କୁ ମଙ୍ଗଳବାର ଲେଖିଥିବା ଏକ ଚିଠିରୁ ଏନେଇ ସୂଚନା ମିଳିଛି। ଗତ ଏକ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟରେ କୌଣସି ଅଗ୍ରଗତି ନ ହେବାରୁ ଓଡ଼ିଶା କନ୍‌ଷ୍ଟ୍ରକସନ୍ କର୍ପୋରେଶନକୁ ମିଳିଥିବା ପ୍ରଶାସନିକ ଅନୁମତିକୁ ପ୍ରତ୍ୟାହାର କରିନିଆଯାଇଛି। ଏହାସହ ପ୍ରକଳ୍ପ ଲାଗି ମିଳିଥିବା ଅର୍ଥକୁ ସୁଧ ସହ ତୁରନ୍ତ ଫେରସ୍ତ କରିବାକୁ ପର୍ଯ୍ୟଟନ ବିଭାଗ ଓସିସିକୁ କହିଛି। ଅନ୍ୟପଟେ ଏ ସମ୍ପର୍କରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି, କରୋନା ମହାମାରୀରୁ ପର୍ଯ୍ୟଟନ ଶିଳ୍ପ ବାଦ୍ ପଡ଼ିନି। କେତେକ ପ୍ରକଳ୍ପ କାର୍ଯ୍ୟ ବିଭିନ୍ନ କାରଣରୁ ବିଳମ୍ବ ହୋଇପାରେ।

**ଓସିସିଏଲ୍ ହାତରୁ ପ୍ରକଳ୍ପ କାଢିନେଲା ପର୍ଯ୍ୟଟନ ବିଭାଗ**



କୋଭିଡ-୧୯ ଲାଗି ସାମୂହିକ ସ୍ୱାର୍ଥ ଓ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଲକ୍ଷ୍ୟ କରି ବ୍ୟୟବରାଦ କରାଯିବ। ସୂଚନାଥାଉ କି, ଅଶୋକ ପଣ୍ଡା ପର୍ଯ୍ୟଟନ ମନ୍ତ୍ରୀ ଥିବାବେଳେ ଶାନ୍ତିସ୍ତୂପ ଧଉଳିରେ ଏହି ପ୍ରକଳ୍ପର ଯୋଜନା ହୋଇଥିଲା।

# ୨୦ରୁ ୫୦ ବର୍ଷର ଲୋକ ଦେଇପାରିବେ ପ୍ଲାଜ୍‌ମା

**କଟକ ଅଫିସ,୧୫।୭:** ପ୍ଲାଜ୍‌ମା ବ୍ୟାଙ୍କ ବୁଧବାର ଉଦ୍‌ଘାଟନ ପରେ ପ୍ରଥମ ଦିନରେ ୪ଜଣ ଡୋନର ପ୍ଲାଜ୍‌ମା ଦାନ କରିଛନ୍ତି। ଏହାକୁ ଗୁରୁବାର ଅଶ୍ୱିନୀ ହସ୍ପିଟାଲରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ। ଅଧିକ ସଂଖ୍ୟାରେ ଡୋନରଙ୍କୁ ଆକୃଷ୍ଟ କରିବା ପାଇଁ ଡୋନରଙ୍କ ଯିବା ଆସିବା ଏବଂ ପ୍ଲାଜ୍‌ମା ସଂଗ୍ରହ ନିମନ୍ତେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଯେଉଁଥି ପାଇଁ ମୁଣ୍ଡପିଛା ୯୧୦୦ ଟଙ୍କା ଅଧିକ ହେବ ବୋଲି ସରକାରୀ ଭାବେ ଆକଳନ କରାଯାଇଛି। ଡୋନରଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱତନ୍ତ୍ର ଭାବେ ଏକ ସଫ୍ଟୱେର ଏବଂ ୱେବସାଇଟ୍ ମଧ୍ୟ ଖୋଲାଯାଇଛି। ଉକ୍ତ ୱେବସାଇଟ୍‌ରୁ ଡୋନରମାନେ ଫର୍ମ ଡାଉନଲୋଡ କରି ସ୍ୱେଚ୍ଛାକୃତ ଭାବେ ପ୍ଲାଜ୍‌ମା ଡୋନେଟ୍ କରିବା ପାଇଁ ମତ ରଖିପାରିବେ। ଏଥିପାଇଁ ଡୋନର୍‌ଙ୍କ ବୟସ ୨୦ରୁ ୫୦ ବର୍ଷ ହୋଇଥିବା ଆବଶ୍ୟକ ଏବଂ ତାଙ୍କୁ କରୋନାରୁ ସୁସ୍ଥ ହେବାର ସର୍ବନିମ୍ନ ୨୮ ଦିନ ହୋଇଥିବା ଆବଶ୍ୟକ। ଜଣେ ଡୋନରଠାରୁ ମିଳିଥିବା ପ୍ଲାଜ୍‌ମାକୁ ୨ଜଣ ରୋଗୀଙ୍କ ଚିକିତ୍ସାରେ ଲାଗିପାରିବ। ପ୍ରାଥମିକ ଅବସ୍ଥାରେ ରାଜ୍ୟ ସରକାର ଏନ୍‌ଡିଆର୍‌ଏଫ୍ ଯବାନଙ୍କଠାରୁ ଅଧିକ ପ୍ଲାଜ୍‌ମା ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି। କାରଣ ଅମ୍ଫନ ବେଳେ ଓଡ଼ିଶାରୁ ପଶ୍ଚିମବଙ୍ଗ ଉଦ୍ଧାର କାର୍ଯ୍ୟରେ ଯାଇ ପ୍ରାୟ ୫୦୦ଏନ୍‌ଡିଆର୍‌ଏଫ୍ ଯବାନ କରୋନା ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ସୁସ୍ଥ ହୋଇସାରିଲେଣି। ତେଣୁ ଏହି ଯବାନଙ୍କଠାରୁ ୩୦୦ ୟୁନିଟ୍ ପ୍ଲାଜ୍‌ମା ସଂଗ୍ରହ କରାଯିବ ବୋଲି ରାଜ୍ୟ ସରକାର ଆଶା କରିଛନ୍ତି।

# ଅମଲା କ୍ଲବ ନିକଟରେ କୋଭିଡ୍ ଆମ୍ବୁଲାନ୍ସ ପାର୍କିଂ

**ପୁରୀ ଅଫିସ,୧୫।୭**

ରାଜ୍ୟରେ ଏବେ ପ୍ରତିଦିନ କରୋନା ସଂକ୍ରମିତ ସଂଖ୍ୟା ହୁ ହୁ ହୋଇ ମାଡ଼ିଚାଲିଛି। ଏ ନେଇ ଲୋକଙ୍କ ମନରେ ଭୟ ମଧ୍ୟ ବଢୁଥିବାବେଳେ ପୁରୀ ସହର ଭିତରେ କୋଭିଡ୍-୧୯

**ସଂକ୍ରମଣକୁ ନେଇ ଲୋକେ ଭୟଭୀତ**




ଆମ୍ବୁଲାନ୍ସ ପାର୍କିଂକୁ ନେଇ ଲୋକେ ଅଧିକ ଭୟଭୀତ ହୋଇପଡିଛନ୍ତି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏହି ଆମ୍ବୁଲାନ୍ସ ପାର୍କିଂକୁ ନେଇ ଜନଅସନ୍ତୋଷ ଦେଖାଦେଇ ଥିବାବେଳେ ତୁରନ୍ତ ଆମ୍ବୁଲାନ୍ସକୁ ସେଠାରୁ ହଟାଇବାକୁ ଦାବି କରିଛନ୍ତି। ମଙ୍ଗଳବାର ମର୍କଣ୍ଡେଶ୍ୱର ସାହିରୁ ଚିହ୍ନଟ କରୋନା ସଂକ୍ରମିତଙ୍କୁ ନେଇ କୋଭିଡ୍ ହସ୍ପିଟାଲରେ ଛାଡିଥିଲେ। ଏହାପରେ ଆମ୍ବୁଲାନ୍ସ ଚାଳକ ଗାଡ଼ିକୁ ଆଣି କଲେଜ ରୋଡ ଅମଲା କ୍ଲବ ନିକଟ ରାସ୍ତାକଡ଼ରେ ପାର୍କିଂ କରିଥିଲେ। ଗତ କିଛିଦିନ ହେବ ଆମ୍ବୁଲାନ୍ସଟି ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ କରୁଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହି ରାସ୍ତା ଦେଇ ପ୍ରତ୍ୟହ ଲୋକେ ଯା'ଆସ କରୁଥିବା ବେଳେ ପାଖ ସାହିର ଛୋଟ ପିଲାମାନେ ମଧ୍ୟ ଯିବାଆସିବା କରୁଛନ୍ତି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆମ୍ବୁଲାନ୍ସକୁ କୋଭିଡ ସେଣ୍ଟରରେ ରଖିବା ବ୍ୟବସ୍ଥା କରୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଆମ୍ବୁଲାନ୍ସଟି ରାସ୍ତାକଡ଼ରେ ପାର୍କିଂ କରିଥିବା ଏବଂ ଲୋକେ ଯିବା ଆସିବା କରୁଥିବାର ଫଟୋ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି।

# ହଳ କଲାବେଳେ ଜମିରୁ ବାହାରିଲା ଶିବଲିଙ୍ଗ

**କଣାସ,୧୫।୭(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ସାହୁପଡା ପଞ୍ଚାୟତର ଟଣମଣ ଗ୍ରାମରେ ବୁଧବାର ଜଣେ ଚାଷୀ ଜମିରେ ହଳ କରୁଥିବା ସମୟରେ ଏକ ଶିବ ଲିଙ୍ଗ ବାହାରିଥିବା ଜଣାପଡିଛି। ସୂଚନା ମୁତାବକ, ଉକ୍ତ ଗ୍ରାମର କାଳୁଚରଣ ପରିଡ଼ା ବୁଧବାର ମଧ୍ୟାହ୍ନ ସମୟରେ ନିଜ ଚାଷ ଜମିରେ ହଳ କରୁଥିଲେ। ଏହି ସମୟରେ ହଠାତ୍ ଲଙ୍ଗଳରେ କୌଣସି କଠିନ ପଦାର୍ଥ ବାଜିଥିଲା। କାଳୁଚରଣ ହଳକୁ ରଖି ଉକ୍ତ ସ୍ଥାନକୁ ଖୋଳିବାରୁ ଏକ ଶିବ ଲିଙ୍ଗ ବାହାରିଥିଲା। ଏହି କଥା ସେ ସ୍ଥାନୀୟ ଲୋକ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଖବର ଗ୍ରାମରେ ପ୍ରଚାର ହେବା ମାତ୍ରେ ଆଖପାଖ ଗ୍ରାମର ଶତାଧିକରୁ ଊର୍ଦ୍ଧ୍ୱ ବ୍ୟକ୍ତି ଶିବଲିଙ୍ଗଙ୍କୁ ଦେଖିବା ପାଇଁ ଭିଡ଼ ଜମାଇ ଥିଲେ। ଏହାସହ ଅନ୍ୟ କେତେଜଣ ଲୋକ ଶିବଲିଙ୍ଗଙ୍କୁ ସଫା କରି କପଡ଼ା ଲଗାଇ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଛି।

# ୧୬ବର୍ଷ ପରେ ପ୍ରକାଶ ପାଇବ 'ରଙ୍ଗରେଖା'

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ଲଳିତକଳା ଏକାଡେମୀର ମୁଖପତ୍ର 'ରଙ୍ଗରେଖା'ର ପୁନଃ ପ୍ରକାଶନ କରାଯିବ। ଦୀର୍ଘ ୧୬ବର୍ଷ ପରେ ପୁନର୍ବାର ନୂଆରୂପରେ ଏହି ତ୍ରୈମାସିକ ପତ୍ରିକା ଆସିବ। ଏ ନେଇ ଏକାଡେମୀ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ବନ୍ଦ ରହିଥିବା ଏହି ପତ୍ରିକାର ପ୍ରକାଶନ ପୁଣିଥରେ ଆରମ୍ଭ ହେବାକୁ ଯାଉଥିବାରୁ ଏକାଡେମୀ ସଭାପତି ତଥା ଅନ୍ତର୍ଜାତୀୟ ବାଲୁକାକଳା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏବଂ ଓଏସ୍‌ଡି ମନସ୍ୱିନୀ ସାହୁ ଏହାକୁ ସ୍ୱାଗତ କରିଛନ୍ତି। ୧୯୭୬ ମସିହାରୁ ଏକାଡେମୀ ଦ୍ୱାରା ଏହି ପତ୍ରିକା ପ୍ରକାଶ ପାଇ ଆସୁଥିଲା। ଏହା ପ୍ରତି ୩ ମାସରେ ଥରେ ଅର୍ଥାତ୍ ବର୍ଷକୁ ୪ ଥର ପ୍ରକାଶ ପାଉଥିଲା। ଏଥିରେ ଶିଳ୍ପୀମାନଙ୍କ ଲେଖା, ପ୍ରବନ୍ଧ, ଜୀବନୀ, ଅନୁଭୂତି, ଚିତ୍ରକଳା ଶିବିର, ପ୍ରଦର୍ଶନୀ, ପୁରସ୍କାର ପ୍ରଦାନ ଉତ୍ସବ ସବୁକିଛି ଫଟୋ ସହ ଲେଖା ପ୍ରକାଶ ପାଉଥିଲା। ହେଲେ ଦୀର୍ଘ



୨୦୦୪-୦୫ ମସିହାରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ପୁଣିଥରେ ପତ୍ରିକା ପ୍ରକାଶ ଲାଗି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରେ ପ୍ରକାଶିତ ହେବ। ନୂଆରୂପରେ ନବକଳେବର ହୋଇ ପତ୍ରିକା ଶିଳ୍ପୀ ଓ କଳାପ୍ରେମୀଙ୍କ ପାଖରେ ପହଞ୍ଚିବ। ଏକାଡେମୀ ପକ୍ଷରୁ ସେମାନଙ୍କ ସହ ଯୋଗସୂତ୍ର ରକ୍ଷା କରିବାରେ ଏହା ପ୍ରମୁଖ ମାଧ୍ୟମ ହେବ ବୋଲି ସଚିବ ସାହୁ କହିଛନ୍ତି।

# ଧାନଜମିରେ ଚିଙ୍ଗୁଡ଼ିଚାଷକୁ ବିରୋଧ

**କୃଷ୍ଣପ୍ରସାଦ,୧୫।୭(ଡି.ଏନ୍.ଏ.)**

**ବ୍ଲକ ଅଫିସ ଆଗରେ ଚାଷୀଙ୍କ ରାସ୍ତାରୋକୋ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ାରେ ଧାନ ଜମିରେ ଚିଙ୍ଗୁଡ଼ି ଚାଷ କରାଯାଇଛି। ଏହାକୁ ବିରୋଧ କରି ବୁଧବାର ବ୍ଲକ ଅଫିସ ଆଗରେ ଚାଷୀମାନେ ଧାରଣା ଦେବା ସହ ରାସ୍ତାରୋକୋ କରିଥିଲେ। ଖବରପାଇ ସ୍ଥାନୀୟ ତହସିଲଦାର ଜିତେନ୍ଦ୍ର ନାୟକ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହ ଘେରି କରିଥିବା ଜାଲ ବାଡ଼ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। କୃଷକ ସଂଘ ସଭାପତି ରବୀନ୍ଦ୍ରନାଥ ସାହୁ, ହରିହର ଦାସ, ଲକ୍ଷ୍ମୀଧର ନାୟକ, ଧୀରେନ୍ଦ୍ର ପଲେଇ, ପୂର୍ବତନ ସରପଞ୍ଚ ନବୀନ ଜେନାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ଧାରଣାରେ ସାମିଲ ହୋଇଥିଲେ।

ସୂଚନାଥାଉ କି, ଚିଲିକା ଉପକୂଳରେ ଚିଙ୍ଗୁଡି ଚାଷ କରିବା ଦ୍ୱାରା ଧାନ ଫସଲ ନଷ୍ଟ ହେଉଛି। ଏହି ଚିଙ୍ଗୁଡି ଚାଷକୁ ସରକାରଙ୍କ ପକ୍ଷରୁ ବେଆଇନ ଘୋଷଣା କରାଯାଇଥିବା ବେଳେ ନୂଆପଡ଼ାରେ ଧାନ ଜମିରେ ଚିଙ୍ଗୁଡି ଚାଷ କରାଯାଇଥିବା ଦେଖିବାକୁ ମିଳିଛି।



ଭୁବନେଶ୍ୱର ରାଜମହଲ ଛକ ନିକଟ ରାସ୍ତାପାର୍ଶ୍ୱରେ ଜଣେ ଶିଶୁ ବ୍ୟବସାୟ କରିବା ସହ ପାଠ ପଢୁଛି।

# କମ୍ ସୁଧରେ ଉଠାଦୋକାନୀଙ୍କୁ ମିଳିବ ଋଣ

**କଟକ ଅଫିସ,୧୫।୭**

କଟକ ମହାନଗର ନିଗମ (ସିଏମ୍‌ସି)ର ବିଜୁଭବନ ସମ୍ମେଳନ କକ୍ଷରେ ବୁଧବାର ଉଠାଦୋକନୀ ମହାସଂଘ ଏବଂ ସିଏମ୍‌ସି ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମସି ଅଧୀନ ଉଠାଦୋକାନୀଙ୍କୁ ଋଣ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ ଭେଣ୍ଡର ଆତ୍ମନିର୍ଭର ନିଧି ଯୋଜନାରେ ସମସ୍ତ ଉଠାଦୋକାନୀଙ୍କୁ ଋଣ ଦିଆଯିବ। ରାସ୍ତାକଡରେ ଯେଉଁମାନେ ଛୋଟ ଛୋଟ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି ସେମାନେ ଶସ୍ତାରେ ସରକାରଙ୍କ ପକ୍ଷରୁ ଋଣ ପାଇପାରିବେ। ପ୍ରତ୍ୟେକ ବିକ୍ରେତାଙ୍କୁ ୧୦ ହଜାର ଟଙ୍କା ଋଣ ଦିଆଯିବ। ଏହା ଉପରେ ସୁଧ ହାର କମ ରହିବ। ଯେଉଁମାନେ ଠିକ ସମୟରେ ଋଣ ପରିଶୋଧ କରିବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଦିଆଯିବ। ଏଥିପାଇଁ ସେମାନେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ସିଏମସି ଅଧୀନରେ ବର୍ତ୍ତମାନ ୩୪୬୩ ଜଣ ତାଲିକାଭୁକ୍ତ ଉଠାଦୋକାନୀ ଅଛନ୍ତି। ଯେଉଁମାନେ ୨୪ ମାର୍ଚ୍ଚ ୨୦୨୦ ପୂର୍ବରୁ ବ୍ୟବସାୟ କରୁଛନ୍ତି ଓ ପ୍ରମାଣପତ୍ର ପାଇଛନ୍ତି ସେମାନେ ଏହି ଯୋଜନାରୁ ଉପକୃତ ହୋଇପାରିବେ। ଯେଉଁ ବିକ୍ରେତା ସର୍ଭେ ତାଲିକାରୁ ବାଦ୍ ପଡ଼ିଛନ୍ତି ଓ ମହାନଗର ନିଗମ ପକ୍ଷରୁ ଅନୁମତି ପାଇନାହାନ୍ତି ସେମାନେ ବି ଋଣ ନେଇପାରିବେ। କରୋନା ଯୋଗୁ ବହୁ ରାସ୍ତା କଡ଼ ବ୍ୟବସାୟୀ ଅଧିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କର ଜୀବିକା ଅଧିକ ପ୍ରଭାବିତ ହୋଇଛି। ତେଣୁ ଏଭଳି ଲୋକଙ୍କ ପାଇଁ ଏହି ଯୋଜନା ସହାୟକ ହେବ ବୋଲି ସିଏମ୍‌ସି ଯୁଗ୍ମ କମିଶନର ସୁମିତା ସରକାର କହିଥିଲେ। ସେହିପରି ନୂତନ ଭେଣ୍ଡି ଜୋନ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଉଠାଦୋକାନୀ ମହାସଂଘର ସଭାପତି ସୁରେଶ ମହାନ୍ତି, ବସ୍ତି ଉନ୍ନୟନ ଅଧିକାରୀ ଅମ୍ରିତ ସରାକାରଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶଟ୍‌ଡାଉନ୍‌ରେ ଗାଁକୁ ଟ୍ରକ୍ ପଶିବା ନେଇ ଉତ୍ତେଜନା

**ବାଲିଅନ୍ତା,୧୫।୭(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ଅଞ୍ଚଳରେ ୬ଜଣ କରୋନା ପଜିଟିଭ ଚିହ୍ନଟ ପରେ ସରପଞ୍ଚ ଗତ ସୋମବାରଠାରୁ ୭ଦିନ ପାଇଁ ଶଟ୍‌ଡାଉନ ଘୋଷଣା ସହ ବଇଁଚୁଆ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। କଟକଣା ଲାଗୁ ସତ୍ତ୍ୱେ ଜଣେ ଲୋକ ପ୍ରତିନିଧିଙ୍କ ଏକ ରଡ ବୋଝେଇ ଟ୍ରକ ବୁଧବାର ଗ୍ରାମକୁ ଆସିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଟ୍ରକଟିକୁ ଲୋକେ ଅଟକାଇ ରଖିବା ସହ ପ୍ରଶାସନକୁ ଜଣାଇଥିଲେ। ଅତିରିକ୍ତ ତହସିଲଦାର ସେଠାରେ ପହଞ୍ଚି ଟ୍ରକଟିକୁ ବାଲିଅନ୍ତା ଥାନାରେ ଜିମା ଦେଇ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାଧିକାରୀ ପ୍ରଦୀପ ରାଉତ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ବିଡିଓ ଆଦିକନ୍ଦ ବେହେରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୪ ଅଟକ, କାର ସହ ମାରଣାସ୍ତ୍ର ଜବତ

**ଖୋର୍ଦ୍ଧା/ନୟାଗଡ ଅଫିସ/ ରଣପୁର, ୧୫।୭(ସ୍ୱ.ପ୍ର.)**

**ବାର୍ କର୍ମଚାରୀ ହତ୍ୟା ଘଟଣା**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଗଡଖୋର୍ଦ୍ଧାସ୍ଥିତ ସରକାରୀ ବିଦେଶୀ ମଦ ବାର୍ ଆଗରେ ମଙ୍ଗଳବାର ବାର୍ କର୍ମଚାରୀ ଅମିୟ ବାରିକଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ରଣପୁର ପୋଲିସ କାବୁ କରି ବୁଧବାର ଖୋର୍ଦ୍ଧା ଟାଉନ ଥାନା ପୋଲିସକୁ ହସ୍ତାନ୍ତର କରିଛି। ଏମାନଙ୍କ ନିକଟରୁ ମାରଣାସ୍ତ୍ର ଓ ଗୋଟିଏ କାର(ଏଚଆର୨୬ବିଜି ୧୧୪୫) ଜବତ ହୋଇଛି। ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ଗାଡ଼ି ହର୍ନ ମାରିବାକୁ କେନ୍ଦ୍ରକରି ପାତ୍ରପଡାର ଅବିନାଶ ପ୍ରଧାନଙ୍କୁ ଛୁରାମାଡ଼ ଘଟଣାରେ ଏମାନଙ୍କ ସମ୍ପୃକ୍ତି ରହିଥିବା ଜଣାପଡିଛି।

ସୂଚନାଥାଉ କି, ମଙ୍ଗଳବାର ଅପରାହ୍ନ ୪ଟା ୩୦ରେ ୩ଜଣ ଦୁର୍ବୃତ୍ତ କାରରେ ଏହି ବାର୍‌କୁ ଆସିଥିଲେ। କାର ପାର୍କିଂକୁ ନେଇ ସିକ୍ୟୁରିଟି ଗାର୍ଡଙ୍କ ସହ ପାଟିତୁଣ୍ଡ ହେବା ପରେ ସେମାନେ ପଳାଇଥିଲେ। କିଛି ସମୟ ପରେ ପୁଣି ଆସିଥିଲେ। ବାର୍ ଆଗରେ ଦୁଇ କର୍ମଚାରୀ ଛିଡା ହୋଇଥିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କୁ ଛୁରିରେ ଆକ୍ରମଣ ଲାଗି ଗୋଡାଇଥିଲେ। ପରେ ଦୁର୍ବୃତ୍ତମାନେ ଅମିୟଙ୍କ ପିଠିକୁ ଛୁରି ଭୁସି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଅମିୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ହତ୍ୟା ମାମଲା (ନଂ.୨୪୩/୨୦) ରୁଜୁ ହୋଇଥିଲା। ଏ ସମ୍ପର୍କରେ ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ହତ୍ୟା ମାମଲାର ତଦନ୍ତ ପାଇଁ ୨ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ସ୍ୱର୍ଗଦ୍ୱାର ପୁନରୁଦ୍ଧାର ପାଇଁ ତତ୍ପରତା

**ପୁରୀ ଅଫିସ,୧୫।୭**

ନୂଆ ରୂପ ନେବ ସ୍ୱର୍ଗଦ୍ୱାର। ବଦଳିବ ଏହାର ଚେହେରା। ପୁରୀ ପାଇଁ ଯେଉଁ ବିକାଶର ଚିତ୍ର ପରିକଳ୍ପନା କରାଯାଇଛି

**ସମୀକ୍ଷା କଲେ ଜିଲାପାଳ**

ସେଥିରେ ସ୍ୱର୍ଗଦ୍ୱାରକୁ ସାମିଲ କରାଯାଇଛି। ଦୂରଦୂରାନ୍ତରୁ ମୃତଦେହ ଦାହ ପାଇଁ ଆସୁଥିବା ସମ୍ପର୍କୀୟମାନେ ଯେପରି କୌଣସି ପ୍ରକାର ତିକ୍ତ ଅନୁଭୂତି ନ ସାଉଁଟିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ସ୍ୱର୍ଗଦ୍ୱାରର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୫ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଏହା ପରିସର ପୁରୁଣା କୋଠା ଉଚ୍ଛେଦ ମଧ୍ୟ କରାଯାଇଥିଲା। ଏପରି କି ପୁନରୁଦ୍ଧାର କାମ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଥିଲା। ମାତ୍ର କରୋନା ପାଇଁ କାମ ଅଟକି ରହିଥିଲା।



ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜିଲାପାଳ ଓ ଅନ୍ୟ ଅଧିକାରୀ।

ପୁଣି କାମ ଆରମ୍ଭ କରିବା ଲାଗି ବୁଧବାର ଜିଲାପାଳ ବଲୱନ୍ତ ସିଂ ସ୍ୱର୍ଗଦ୍ୱାର ପରିସରକୁ ଯାଇ ସମୀକ୍ଷା କରିଛନ୍ତି।

କାମ ନେଇଥିବା ସଂସ୍ଥାର କର୍ମଚାରୀ, ପୁରୀ ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଗୋବର୍ଦ୍ଧନ ମଠ ମୁଖପାତ୍ର ମନୋଜ ରଥ ପ୍ରମୁଖ ଜିଲାପାଳଙ୍କ ସହ ସ୍ୱର୍ଗଦ୍ୱାର ପରିସର ବୁଲିଥିଲେ। ଖୁବଶୀଘ୍ର କାମ ଆରମ୍ଭ କରିବା ଲାଗି ଜିଲାପାଳ ନିର୍ମାଣକାରୀ ସଂସ୍ଥାକୁ କହିଛନ୍ତ। ସେହିପରି ସ୍ୱର୍ଗଦ୍ୱାର ପରିସର ଗୋବର୍ଦ୍ଧନ ମଠର ଶିବ ମନ୍ଦିରକୁ ମଧ୍ୟ ସୌନ୍ଦର୍ଯ୍ୟକରଣ କରାଯିବ। ଏହା ପରିସର ଡିଜାଇନ କିପରି ହେବ ସେ ନେଇ ଏକ ନକ୍ସା ପ୍ରସ୍ତୁତ କରାଯିବ। ଏହି ନକ୍ସାକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଦେଖିବା ପରେ ତାଙ୍କ ପରାମର୍ଶ ଅନୁଯାୟୀ କାମ ହେବ ବୋଲି ଜଣାପଡିଛି।

ସୂଚନାଥାଉ କି, ମହାପ୍ରସ୍ଥାନମ୍ କ୍ରିମେଟୋରିୟମ୍ ଢାଞ୍ଚାରେ ପୁରୀ ସ୍ୱର୍ଗଦ୍ୱାର ହେବ। ଏହାମଧ୍ୟରେ ଏଠାରେ ଏକାସଙ୍ଗରେ ୧୪ଟି ଦାହ ପିଣ୍ଡି କରାଯିବ। ଏହାସହ ପ୍ରତ୍ୟେକ ପିଣ୍ଡି ଉପରେ ଛୋଟ ଶେଡ ରହିବ। ସେହିପରି ସମୁଦ୍ର କୂଳରେ ଏକ ଘାଟ କରାଯିବ। ଏହି ଘାଟକୁ ଯିବା ପାଇଁ ରୋଡ ଓଭର ବ୍ରିଜ୍ (ଆରଓବି) ନିର୍ମାଣର ମଧ୍ୟ ଯୋଜନା ରହିଛି। ତେବେ ସ୍ୱର୍ଗଦ୍ୱାରର ପ୍ରବେଶ ପଥ ଫାଟକ ସବୁଠୁ ଆକର୍ଷଣୀୟ ହେବ ବୋଲି ଡିଜାଇନ ପ୍ରସ୍ତୁତ ସରିଛି।

# ରାଜ୍ୟରେ ପୁଅ ଆଗରେ

**ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପୂର୍ବ ବର୍ଷ ଅପେକ୍ଷା ସାରା ଦେଶ ଓ ଓଡ଼ିଶାରେ ପାସ୍ ହାର ବଢ଼ିଛି। ଦେଶରେ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଥିବାବେଳେ ଓଡ଼ିଶାରେ ଝିଅଙ୍କୁ ପୁଅମାନେ ପଛରେ ପକାଇଛନ୍ତି। ଓଡ଼ିଶାର ଅଧିକାଂଶ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସଫଳତାକୁ ନେଇ ସମସ୍ତେ ଖୁସିବ୍ୟକ୍ତ କରିଥିଲେ ହେଁ କରୋନାର କଟକଣା ଯୋଗୁ ଅଧିକାଂଶ ସ୍କୁଲରେ ଉତ୍ସବ ପାଳନ କରାଯାଇପାରି ନାହିଁ। ଭୁବନେଶ୍ୱର ଓ କଟକର କେଉଁ ସ୍କୁଲରେ କେତେ ପ୍ରତିଶତ ପାସ୍ ହାର ରହିଛି ଓ ସଫଳତାକୁ ନେଇ ସ୍କୁଲ ଟପ୍ପରମାନେ କ'ଣ କହୁଛନ୍ତି ସେ ସମ୍ପର୍କରେ ବିଶେଷ ଉପସ୍ଥାପନା।**



## ଓଡିଏମ୍ ପବ୍ଲିକ୍ ସ୍କୁଲରେ ୩ ଟପ୍ପର

ଓଡିଏମ୍ ସ୍କୁଲର ପ୍ରିୟା ସୋମଦ ନାୟକ, ଅଙ୍କିତା ମଣ୍ଡଳ, ରିଦ୍ଧିକା ବେହେରା ୯୯.୨% ପ୍ରତିଶତ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି। ଏମାନେ ରାଜ୍ୟସ୍ତରରେ ପ୍ରଥମ ୧୦ଜଣଙ୍କ ଭିତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ରିଦ୍ଧିକ୍ ରଞ୍ଜନ ରଥ ୯୮.୬% ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଓ ୯୮.୪% ମାର୍କ ରଖି ଶୁଭକ୍ରିଷ୍ଣ ଅଗ୍ନି ତୃତୀୟ ସ୍ଥାନରେ ଅଛନ୍ତି। ଏହାବ୍ୟତୀତ ୮ଜଣ ଛାତ୍ରୀଛାତ୍ର ୯୮% ଓ ଏହାଠାରୁ ଅଧିକ ନମ୍ବର ରଖିଥିବାବେଳେ ୯୭%ରୁ ଊର୍ଦ୍ଧ୍ୱ ୧୧ଜଣ, ୯୬%ରୁ ଊର୍ଦ୍ଧ୍ୱ ୧୮ଜଣ, ୯୫%ରୁ ଊର୍ଦ୍ଧ୍ୱ ୩୩ଜଣ, ୯୦%ରୁ ଊର୍ଦ୍ଧ୍ୱ ୮୧ଜଣ ଅଛନ୍ତି। ସମସ୍ତ ୨୩୨ଜଣ ଛାତ୍ରୀଛାତ୍ର ପ୍ରାୟ ଶତକଡ଼ା ୬୦%ରୁ ଊର୍ଦ୍ଧ୍ୱ ଅଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଗୌରବମୟ ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଓଓ ସ୍ୱୟଂ ସତ୍ୟେନ୍ଦୁ ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଏଥର ମଧ୍ୟ ଶତ ପ୍ରତିଶତ ଫଳାଫଳ କରିଛି। ୬୦ ପ୍ରତିଶତ ଛାତ୍ରୀଛାତ୍ର ୯୦% ମାର୍କରୁ ଅଧିକ ଏବଂ ୯୯% ଛାତ୍ରୀଛାତ୍ର ୭୫% ମାର୍କରୁ ଅଧିକ ରଖିଛନ୍ତି। ଶତପ୍ରତିଶତ ଛାତ୍ରୀଛାତ୍ର ୬୦%ରୁ ଅଧିକ ମାର୍କ ରଖିଛନ୍ତି। ସର୍ବାଧିକ ୯୮.୪% ମାର୍କ ରଖି ସୁତୀର୍ଥ ରଥ ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ୯୮.୨% ମାର୍କ ରଖି ସ୍ନେହାଲ୍ ସୁଜଲ୍ ମହାନ୍ତି ଦ୍ୱିତୀୟ ସ୍ଥାନ ଏବଂ ୯୮% ମାର୍କ ରଖି ଅଙ୍କନ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍କୁଲର ପାସ୍ ହାର ୯୦% ରହିଛି। ସ୍କୁଲର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ ସ୍କୁଲର ସଫଳତାରେ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ

୨୪୧ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିଲେ। ୭୪ ଜଣ ଛାତ୍ରୀଛାତ୍ର ୯୦% ଓ ତଦୂର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ୨୧୭ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମାନ୍ୟତା ପାତ୍ର ସର୍ବାଧିକ ୯୯% ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ସେହିପରି ସୌମ୍ୟା ସରସ୍ୱତୀ ୯୮.୨%ରେ ଦ୍ୱିତୀୟ ଓ ସାଇ ପ୍ରତୀକ ରଥ ୯୭.୪%ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ମଦର୍ସ ପବ୍ଲିକ ସ୍କୁଲ

ମଦର୍ସ ପବ୍ଲିକ ସ୍କୁଲରେ ପରୀକ୍ଷା ଦେଇଥିବା ୧୩୯ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ୮୧ଜଣ ଛାତ୍ରୀଛାତ୍ର ୯୦% ଉପରେ ନମ୍ବର ରଖିଛନ୍ତି। ଛାତ୍ରୀ ଆଦ୍ୟାଶା ବିଶ୍ୱାଳ ଓ ଛାତ୍ର ରୋହନ ଜେନା ୯୮.୨% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ପଲ୍ଲୀ ପଟ୍ଟନାୟକ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ

ଏହି ସ୍କୁଲର ଶତପ୍ରତିଶତ ଫଳାଫଳ ହୋଇଥିବାବେଳେ ସିଦ୍ଧାର୍ଥ ପ୍ରିୟଦର୍ଶୀ ସ୍ୱାଇଁ ୯୮.୬% ନମ୍ବର ରଖି ଟପ୍ପର ହୋଇଛନ୍ତି। ଅଜିତ୍ ଦାଶ ୯୭.୬% ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଆଶୁତୋଷ ମହାନ୍ତି ଓ ରିଷଭ ଆନନ୍ଦ ୯୭.୪% ରଖି ତୃତୀୟ ସ୍ଥାନରେ ରହିଛନ୍ତି। ୫୦ଜଣ ପରୀକ୍ଷାର୍ଥୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

## ଖଣ୍ଡଗିରି ସେଣ୍ଟ୍ ଜାଭିୟର୍ସ ସ୍କୁଲ୍

ଏହି ସ୍କୁଲରେ ରେଜଲ୍ଟ ଶତ ପ୍ରତିଶତ ହୋଇଛି। ଅନିରୁଦ୍ଧ ଧଳ ୯୯% ନମ୍ବର ରଖି ପ୍ରଥମ, ଖୁସି ତିୱାରୀ ୯୮.୮% ରଖି ଦ୍ୱିତୀୟ ଓ ପ୍ରବୀଣ ପଟ୍ଟନାୟକ, ପ୍ରତୀକ ସାହୁ ଓ ସ୍ନେହା ସୁଚରିତା ପଲେଇ ୯୮.୬% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୪୦ଜଣ ଛାତ୍ରୀଛାତ୍ର ୯୫% ଉପରେ ନମ୍ବର ପାଇଥିବାବେଳେ ୯୬ଜଣ ୯୦% ନମ୍ବର ରଖି ସଫଳତା ଅର୍ଜନ କରିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧

ମୋଟ ୪୧୬ ପିଲା ପରୀକ୍ଷା ଦେଇଥିଲେ ଓ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ୧୦୭ ଛାତ୍ରୀଛାତ୍ର ୯୦% ଉପରେ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ସୂର୍ଯ୍ୟଦୀପ ମଲ୍ଲିକ ୪୯୨ ନମ୍ବର ବା ୯୮.୪% ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

## ତକ୍ଷଶୀଳା ସ୍କୁଲ

ଏହି ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସୃଜନ ଭୂଷଣ ୯୬.୨% ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଭୂମିକା ମହାପାତ୍ର ୯୫.୮% ରଖି ଦ୍ୱିତୀୟରେ ରହିଛନ୍ତି। ୨୦% ଛାତ୍ରୀଛାତ୍ର ୯୦%ରୁ ଉପରେ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିକାଶ ଆବାସିକ ବିଦ୍ୟାଳୟ

ସ୍କୁଲର ୨୪୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଛାତ୍ର ପ୍ରଜ୍ୱଳ ସାହୁ ଓ ତେଜସ୍ୱୀ ସାହୁ ସର୍ବାଧିକ ୯୭.୮% ଲେଖାଏ ନମ୍ବର ରଖି ବିଦ୍ୟାଳୟର ଯୁଗ୍ମ ଟପ୍ପର ହୋଇଛନ୍ତି। ୨୦ଜଣ ୯୫%ରୁ ଅଧିକ, ୫୭ ଜଣ ୯୦%ରୁ ଅଧିକ ରଖି ପାସ୍ ହୋଇଛନ୍ତି। ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ସଭାପତି ଡି. ମୁରଲୀକ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି.ଭାସ୍କର ରାଓ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ

ସମସ୍ତ ୨୨୦ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଲିପ୍‌ସିତା ମହାପାତ୍ର, ଉଦିତ୍ ପ୍ରଭା ସାହୁ, ଶୁଭଲକ୍ଷ୍ମୀ ଦାସ ୯୮% ନମ୍ବର ରଖି ବିଦ୍ୟାଳୟର ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଈପ୍‌ସିତା ମହାପାତ୍ର, ଦେବଶ୍ରୀ ସ୍ୱାଇଁ, ରୋନକ ଅଗ୍ରୱାଲ ୯୭% ନମ୍ବର ରଖି ଦ୍ୱିତୀୟରେ ଥିବାବେଳେ ଶ୍ୱେତପଦ୍ମା ନନ୍ଦ ୯୬.୪%ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ୟୁନିଟ୍-୮, ପୋଖରୀପୁଟ ଡିଏଭି ସ୍କୁଲ

ୟୁନିଟ୍-୮ ଡିଏଭି ସ୍କୁଲର ସମସ୍ତ ୨୭୦ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୭୬ ଜଣ ୯୦%ରୁ ଅଧିକ ଓ ୨୫୦ ଜଣ ୮୦%ରୁ ଅଧିକ ନମ୍ବର ରଖିଛନ୍ତି। ଜ୍ଞାନଦୀପ ପଲ୍ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଶ୍ରେୟା ମହାପାତ୍ର ୯୯.୨% ସହିତ ଦ୍ୱିତୀୟ ଏବଂ ସ୍ମରଣ ଶିବମ୍ ୯୯% ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗଣିତରେ ୩୪ଜଣ, ବିଜ୍ଞାନରେ ଜଣେ, ସାମାଜିକ ବିଜ୍ଞାନରେ ୧୫ଜଣ, ସଂସ୍କୃତରେ ୧୨ଜଣ ଛାତ୍ରୀଛାତ୍ର ଶତପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ପୋଖରୀପୁଟ ଡିଏଭି ସ୍କୁଲ୍‌ର ୧୮୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୩ ଜଣ ଛାତ୍ରୀଛାତ୍ର ୯୦% ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶ୍ୱଜିତ୍ ନାୟକ ୯୯.୪% ନମ୍ବର ସହ ପ୍ରଥମ, ତନ୍ମୟ ମହାପାତ୍ର ୯୯% ରଖି ର ଦ୍ୱିତୀୟ ଏବଂ ୯୮.୮% ନମ୍ବର ସହ ଆୟୁଷ ପାଟଜୋଷୀ ତୃତୀୟ ସ୍ଥାନରେ ରହିଛନ୍ତି।

## ଛାତ୍ରୀଛାତ୍ରଙ୍କ ମୁହଁରୁ



ମୋର ୯୯.୪% ରହିଛି। ପରୀକ୍ଷା ଭଲ ହୋଇଥିଲା, କିନ୍ତୁ ଏତେ ରହିବ ବୋଲି ମୁଁ ଆଶା କରିନଥିଲି। ସେଥିପାଇଁ ମୁଁ ବହୁତ ଖୁସି। ମୋର ସଫଳତାର ଶ୍ରେୟ ମୋର ପରିବାରବର୍ଗ ଓ ସ୍କୁଲର ସମସ୍ତ ଶିକ୍ଷକଙ୍କୁ ଦେବି।

**– ଜ୍ଞାନଦୀପ ପଲ୍, ଛାତ୍ର**



ପାଖାପାଖି ୯୯% ରହିବ ବୋଲି ଆଶା କରିଥିଲି। ତାହା ହିଁ ହେଲା। ମୋର ସର୍ବମୋଟ ୪୯୭ ବା ୯୯.୪% ନମ୍ବର ରହିଛି। ଆଇଆଇଟିରେ ପଢ଼ିବାକୁ ଲକ୍ଷ୍ୟ ରଖିଛି। ସଫଳତାରେ ଅଭିଭାବକଙ୍କ ଅବଦାନ ରହିଛି। ସ୍କୁଲର ସମସ୍ତ ଶିକ୍ଷକ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଉଛି।

**– ବିଶ୍ୱଜିତ୍ ମିଶ୍ର, ଛାତ୍ର**



ମୋର ଆଶାଠାରୁ ଅଧିକ ଅର୍ଥାତ୍ ୯୮.୨% ନମ୍ବର ରହିଛି। ସେଥିପାଇଁ ସ୍କୁଲର ସବୁ ଶିକ୍ଷକ ଓ ପରିବାର ଲୋକଙ୍କୁ ଶ୍ରେୟ ଦେବି। ସମସ୍ତଙ୍କ ସହଯୋଗ ମୋତେ ଏହି ସଫଳତା ଦେଇଛି।

**– ଆଦ୍ୟାଶା ବିଶ୍ୱାଳ, ଛାତ୍ରୀ**



ମୋର ୯୮.୨% ନମ୍ବର ରହିଛି। ଏହି ପ୍ରତିଶତ ରଖିବା କଷ୍ଟକର ନୁହେଁ କି ସହଜ ମଧ୍ୟ ନୁହେଁ। କଠିନ ପରିଶ୍ରମ କଲେ ଭଲ ମାର୍କ ରଖିହେବ। ମୋ ସ୍କୁଲର ସମସ୍ତ ଶିକ୍ଷକ ମୋତେ ସବୁ ଦିଗରେ ସହଯୋଗ କରିଛନ୍ତି। ସେମାନଙ୍କୁ ଓ ମୋ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଉଛି।

**– ରୋହନ ଜେନା, ଛାତ୍ର**



କଠିନ ପରିଶ୍ରମ କରିଥିଲି। ଆଶାନୁଯାୟୀ ୯୯% ନମ୍ବର ରହିଛି। ତେବେ ସାଇନ୍ସରେ ଟିକେ ନମ୍ବର କମିଯାଇଛି। ଇଞ୍ଜିନିୟର ହେବା ମୋର ଲକ୍ଷ୍ୟ ରହିଛି। ତେଣୁ ଏବେ ମୁଁ ଆଇଆଇଟି ପାଇଁ ପ୍ରସ୍ତୁତ ହେଉଛି।

**– ମାନ୍ୟତା ପାତ୍ର, ଛାତ୍ରୀ**



ମୋର ୯୮.୬% ନମ୍ବର ରହିଥିବାରୁ ବହୁତ ଖୁସି ଲାଗୁଛି। ନିଜର କଠିନ ପରିଶ୍ରମ ସହିତ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଚେୟାରମ୍ୟାନ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବି। ମୋତେ ସେହି ସ୍କୁଲରେ ପଢ଼ିବା ପାଇଁ ସୁଯୋଗ ମିଳିଥିବାରୁ ଓ ସେମାନଙ୍କ ସହଯୋଗ ପାଇଁ ମୁଁ ଏହି ସଫଳତା ପାଇପାରିଛି।

**– ଭୁବନ ମେହେର୍, ଛାତ୍ର**



ମୁଁ ଦିନକୁ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ଭଗବାନଙ୍କ ଆଶୀର୍ବାଦ ସହିତ ସ୍କୁଲର ସମସ୍ତ ଶିକ୍ଷକଙ୍କର ମୋ ସଫଳତା ପାଇଁ ବହୁ ଅବଦାନ ରହିଛି। ଏଥିସହିତ ମୋ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଇବି। ଭବିଷ୍ୟତରେ ଜଣେ ଅଧ୍ୟାପକ ହେବା ପାଇଁ ଲକ୍ଷ୍ୟ ରଖିଛି।

**–କ୍ରିଷ୍ଣାପ୍ରିୟା ଅଗ୍ରୱାଲ, ଛାତ୍ରୀ**



ଭବିଷ୍ୟତରେ ଡାକ୍ତର ହେବାକୁ ଇଚ୍ଛା ରହିଛି। ପରୀକ୍ଷା ପାଇଁ ଦିନକୁ ୮ରୁ ୯ଘଣ୍ଟା ପଢୁଥିଲି। ସିଲାବସ୍‌କୁ ପରୀକ୍ଷା ପୂର୍ବରୁ ଭଲଭାବେ ଶେଷ କରିବାକୁ ଲକ୍ଷ୍ୟ ରଖିଥିଲି। ଏହି ସଫଳତାର ଶ୍ରେୟ ପରିବାର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେବି।

**– ନିକିତା ମହାନ୍ତି, ଏଲ୍ଆର୍ ଡିଏଭି ସ୍କୁଲ, କଟକ**



ପାଠପଢ଼ା କ୍ଷେତ୍ରରେ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବହୁ ସହଯୋଗ କରିଥିଲେ। ସ୍କୁଲରେ ଯାହା ଯେଉଁଦିନ ପଢ଼ାଯାଉଥିଲା, ସେହିଦିନ ହିଁ ସେ ପାଠସବୁ ଘରେ ଭଲଭାବେ ପଢୁଥିଲି। ସ୍କୁଲରେ ହୋଇଥିବା ଟେଷ୍ଟଗୁଡ଼ିକ ସଫଳତା ପାଇଁ ସହାୟକ ହୋଇପାରିଛି। ଭବିଷ୍ୟତରେ ଭଲ ଇଞ୍ଜିନିୟରିଂ ହେବାକୁ ଲକ୍ଷ୍ୟ ରହିଛି।

**– ଆୟୁଷ୍ମାନ ମିଶ୍ର, ସିଡିଏ ଡିଏଭି**



ଚଳିତବର୍ଷ ପରୀକ୍ଷାର ପାଟର୍ନ ବଦଳିଥିଲା। ଏଣୁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଚ୍ୟାଲେଞ୍ଜିଂ ବର୍ଷ ଥିଲା। ତଥାପି ନିଜର ମନୋବଳ ଭାଙ୍ଗି ନ ଥିଲି। ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥିଲି। ଭବିଷ୍ୟତରେ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ରଖିଛି।

**– ଆଦ୍ୟାଶା ମହାନ୍ତି, ସିଡିଏ ଡିଏଭି**



ଦିନକୁ ୩ରୁ ୫ଘଣ୍ଟା ପଢୁଥିଲି। ସ୍କୁଲରେ ପାଠପଢ଼ା ଓ ବିଭିନ୍ନ ପରୀକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ପରୀକ୍ଷା ପାଇଁ ଆମକୁ ଭଲ ଭାବେ ପ୍ରସ୍ତୁତ କରାଉଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ସଫଳତା ମିଳିଛି। ଭବିଷ୍ୟତରେ ହୃଦ୍‌ରୋଗ ବିଶେଷଜ୍ଞ ହେବାକୁ ଇଚ୍ଛା ରହିଛି।

**– ଅନନ୍ୟା ସାମନ୍ତ, ଡିପିଏସ୍ କଳିଙ୍ଗ**

# କଟକ ଟପ୍ପର ତାଲିକାରେ ୪

**କଟକ ଅଫିସ,୧୫।୭**

**ଆଦ୍ୟାଶା, ଆୟୁଷ୍ମାନ, ନିକିତା, ଅନନ୍ୟା ରଖିଲେ ୯୮.୮%**

ସିବିଏସ୍ଇ ଦଶମ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। କଟକର ଅଧିକାଂଶ ସ୍କୁଲରେ ଶତ ପ୍ରତିଶତ ପାସ୍‌ହାର ରହିଥିବା ଦେଖିବାକୁ ମିଳିଛି। କଟକ ସହରର ଟପ୍ପର ତାଲିକାରେ ୪ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏମାନେ ୯୮.୮ % ମାର୍କ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ହେଲେ ସିଡିଏସ୍ଥିତ ଡିଏଭି ସ୍କୁଲର ଆଦ୍ୟାଶା ମହାନ୍ତି ଓ ଆୟୁଷ୍ମାନ ମିଶ୍ର। ସେହିପରି ଏଲ୍.ଆର. ଡିଏଭି ସ୍କୁଲର ନିକିତା ମହାନ୍ତି ଏବଂ ଡିପିଏସ୍ କଳିଙ୍ଗ ସ୍କୁଲର ଅନନ୍ୟା ସାମନ୍ତ ମଧ୍ୟ ଏହି ଟପ୍ପର ତାଲିକାରେ ସାମିଲ ହୋଇଛନ୍ତି।

ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ୫୬୨ ଜଣ ପରୀକ୍ଷା ଦେଇଥିବାବେଳେ ୫୬୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଠାରେ ପାସ୍‌ହାର ୯୯.୬୪ %। ଉକ୍ତ ସ୍କୁଲରେ ଜି.ଭି. ରିତେଶ ରମଣ ଏବଂ ମୋହି ମହାପାତ୍ର ୯୮.୬ % ଲେଖାଏ ମାର୍କ ରଖି ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନିର୍ବାଣ ପଟ୍ଟନାୟକ ୯୮.୪ % ମାର୍କ ରଖି ୩ୟ ସ୍ଥାନ ପାଇଛନ୍ତି। ଏଲ୍ଆର୍ ଡିଏଭି ସ୍କୁଲର ସମସ୍ତ ୨୨୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୧ଜଣ ୯୫%ରୁ ଊର୍ଦ୍ଧ୍ୱ ଓ ୮୦ଜଣ ୯୦%ରୁ ଅଧିକ ମାର୍କ ରଖିଛନ୍ତି। ସୌମ୍ୟ ପ୍ରକାଶ ସାହୁ ଏବଂ ପୀୟୂଷ ଷଡ଼ଙ୍ଗୀ ୯୮.୬ % ମାର୍କ ସହ ଯୁଗ୍ମ ଦ୍ୱିତୀୟ ଏବଂ ରାହୁଲ କୁମାର ପତି ଓ ସ୍ମୃତି ଶ୍ରେଷ୍ଠ ୯୭.୬% ମାର୍କ ରଖି ୩ୟ ସ୍ଥାନରେ ରହିଛନ୍ତି। ଡିପିଏସ୍ କଳିଙ୍ଗ ସ୍କୁଲରେ ଫଳାଫଳ ଶତ ପ୍ରତିଶତ ହୋଇଛି ବୋଲି ଅଧ୍ୟକ୍ଷା ଅନୁରାଧା ରକ୍ଷିତ କହିଛନ୍ତି। ୫୦ %ରୁ ଅଧିକ ଛାତ୍ରୀଛାତ୍ର ୯୦ %ରୁ ଅଧିକ ମାର୍କ ହାସଲ କରିଛନ୍ତି। ନିଲୋଫର ଇରାମ ଏବଂ ଅଙ୍କିତା ବେହେରା ୯୭.୬ % ଲେଖାଏ ମାର୍କ ରଖି ଯୁଗ୍ମ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମୟଙ୍କ ଖଣ୍ଡେଲୱାଲ ୯୭.୪ % ମାର୍କ ରଖି ୩ୟ ସ୍ଥାନରେ ରହିଛନ୍ତି। କଳାବିକାଶ କେନ୍ଦ୍ର ରୋଡସ୍ଥିତ ସତ୍ୟସାଇ ସ୍କୁଲର ଶତ ପ୍ରତିଶତ ସଫଳତା ହୋଇଛି। ୬୭ ଜଣ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ୱସ୍ତିକ ମହାପାତ୍ର ୯୫.୮ % ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଅନନ୍ତ ନାରାୟଣ ସାହୁ (୯୫.୪ %) ଦ୍ୱିତୀୟ ଏବଂ ସାଇ ଶ୍ରୁତି ମହାନ୍ତି (୯୩.୬ %) ୩ୟ ସ୍ଥାନ ପାଇଛନ୍ତି। ସେଣ୍ଟ ଜାଭିୟର୍ସ ସ୍କୁଲର ସମସ୍ତ ୧୮୮ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୯ ଜଣ ୯୦ %ରୁ ଅଧିକ ମାର୍କ ରଖିଛନ୍ତି। ପ୍ରଜ୍ୱୋଜିତ ପ୍ରଧାନ ଏବଂ ସଙ୍ଗୀତା ବିଶ୍ୱାଳ ଉଭୟ ୯୮.୪ % ମାର୍କ ରଖି ବିଦ୍ୟାଳୟର ଯୁଗ୍ମ ଟପ୍ପର ହୋଇଥିବା ସୂଚନା ମିଳିଛି।

# ଚାରବାଟିଆ କେନ୍ଦ୍ରୀୟ ସ୍କୁଲର ଶତ ପ୍ରତିଶତ ପାସ୍ ହାର

**ଚୌଦ୍ୱାର,୧୫।୭(ଡି.ଏନ୍.ଏ)**

ଚଳିତବର୍ଷ ସିବିଏସ୍ଇ ୧୦ମ ପରୀକ୍ଷାରେ ଚୌଦ୍ୱାରସ୍ଥିତ ଚାରବାଟିଆରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ପାସ୍‌ହାର ଶତ ପ୍ରତିଶତ ହୋଇଥିବା ବିଦ୍ୟାଳୟ ଅଧ୍ୟକ୍ଷ ମହେଶ କୁମାବତ୍ ସୂତ୍ରରୁ ପ୍ରକାଶ। ବିଦ୍ୟାଳୟର ମୋଟ ୮୭ଜଣଙ୍କ ମଧ୍ୟରୁ ୮୬ଜଣ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୮ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୮ଜଣ ପାସ୍ କରିଛନ୍ତି। ୧୨ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ଓ ୨୪ଜଣ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ନମ୍ବର ରଖିଛନ୍ତି। ବିଦ୍ୟାଳୟରେ ପ୍ରଥମ ହୋଇଥିବା ମନିସ୍କା ମଲ ୯୭.୬, ଦ୍ୱିତୀୟ ଆଲିନ୍ ଆଡାମସ୍ ୯୬.୪ ଏବଂ ତୃତୀୟ ସ୍ଥାନରେ ଥିବା ଜୟସ୍ମିତ୍ ଦାସ ୯୫.୬ ପ୍ରତିଶତ ନମ୍ବର ରଖିଛନ୍ତି ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ବିଦ୍ୟାଳୟର ଏହି ଫଳାଫଳକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାସ୍ ହାର ୮୨.୦୯%




**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

**ସଂସ୍କୃତି ଖମାରୀ ୯୮.୮% ରଖି ଟପ୍ପର**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ (ଓଏଭିଏସ୍) ରାଜ୍ୟର ପ୍ରତି ବ୍ଲକରେ ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷା ମାଗଣାରେ ଯୋଗାଇ ଦେଉଛି। ବୁଧବାର ସିବିଏସ୍ଇ ଦଶମ ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ ଏଥିରେ ଛାତ୍ରୀଛାତ୍ରମାନେ ନୂଆ ସଫଳତାର ସହ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ୧୦୦ଟି ଆଦର୍ଶ ବିଦ୍ୟାଳୟର ୫,୪୩୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବଲାଙ୍ଗୀର ପଥରଚେପା ଆଦର୍ଶ ବିଦ୍ୟାଳୟର ସଂସ୍କୃତି ଖମାରୀ ସର୍ବାଧିକ ୯୮.୮% ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି କଳାହାଣ୍ଡି ଜୁନାଗଡ଼ ଆଦର୍ଶ ବିଦ୍ୟାଳୟର ଭୁବନ ମେହେର୍ ୯୮.୬% ନମ୍ବର ରଖି ଦ୍ୱିତୀୟ ଏବଂ କେନ୍ଦୁଝର ଆନନ୍ଦପୁର ସାଲପଡ଼ା ଆଦର୍ଶ ବିଦ୍ୟାଳୟର ସଙ୍ଗୀତା ସଂଘମିତ୍ରା ନାୟକ ୯୭.୮% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍କୁଲର ଶତପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୯୫ଜଣ ଛାତ୍ରୀଛାତ୍ର ୯୦% ନମ୍ବରରୁ ଅଧିକ ଓ ୨,୨୬୨ ଜଣ ଛାତ୍ରୀଛାତ୍ର ୬୦% ନମ୍ବରରୁ ଅଧିକ ରଖିଛନ୍ତି। ମୋଟ ୪,୪୨୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ପାସ୍ ହାର ରହିଛି ୮୨.୦୯%। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଭାପତି ଡ. ବିଜୟ କୁମାର ସାହୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରି ଉଲ୍ଲେଖନୀୟ ସଫଳତା ପାଇଁ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସୁସ୍ଥ ହେଲେଣି ୭୮ ପ୍ରତିଶତ ଆକ୍ରାନ୍ତ

**ପୁରୀ ଅଫିସ,୧୫।୭**

ପୁରୀ ଜିଲାରେ ସଂକ୍ରମଣ କିପରି ନ ବଢ଼ିବ ସେଥିଲାଗି ଜିଲାପାଳ ବଲୱନ୍ତ ସିଂ ଜିଲାବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ଜିଲାପାଳ କହିଛନ୍ତି, ଜିଲାରୁ ପ୍ରାୟ ୨୦ ହଜାର ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିମଧ୍ୟରୁ ୩୭୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୭୮ ପ୍ରତିଶତ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୮୫ଜଣ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୩୦ ଜଣ ପୁରୀ କୋଭିଡ୍ କେୟାର ସେଣ୍ଟର ଏବଂ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସେହିପରି ବ୍ଲକ ଅନୁଯାୟୀ ଦେଖିଲେ ପିପିଲିର ୭, ସତ୍ୟବାଦୀ ୨, ଡେଲାଙ୍ଗ ୫, କଣାସ ୯, ପୁରୀ ସଦର ୨, କୃଷ୍ଣପ୍ରସାଦ ୧, ଗୋପ ୮, ନିମାପଡ଼ା ୮, କାକଟପୁର ୧, ଅସ୍ତରଙ୍ଗ ୭, ବ୍ରହ୍ମଗିରି ୧୬, ପୁରୀ ପୌରାଞ୍ଚଳର ୧୯ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ରାଜ୍ୟରେ କରୋନା ହୁ ହୁ ହୋଇ ମାଡୁଛି। ତେଣୁ ଏହି ସମୟରେ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ଅତ୍ୟାବଶ୍ୟକ ନ ଥିଲେ କେହି ଘରୁ ବାହାରନ୍ତୁ ନାହିଁ। କୌଣସି କାମରେ ଯଦି ଘରୁ ବାହାରୁଛନ୍ତି ତେବେ ନିଶ୍ଚିତ ମାସ୍କ ପିନ୍ଧନ୍ତୁ। ଏହାକୁ ଏକ ପରିଧାନ ବୋଲି ଭାବନ୍ତୁ। ବିଭିନ୍ନ ବ୍ଲକ କିମ୍ବା ଏନ୍ଏସିର ହାଟ ବଜାରରେ ଲୋକେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। ଏମିତି ଅଭ୍ୟାସ ନିଜର ତଥା ଅନ୍ୟମାନଙ୍କ ପାଇଁ ବିପଦ ଆଣିପାରେ। ଏଭଳି ମାନସିକତାକୁ ପରିବର୍ତ୍ତନ କରିବା ଜରୁରୀ। ସେହିପରି ବାହାରୁ ଘରକୁ ଫେରିବାବେଳେ ଭଲ ଭାବେ ହାତ ଧୁଅନ୍ତୁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯଦି ବି କାହା ପାଖରେ କାଶ, ଛିଙ୍କ କିମ୍ବା ତଣ୍ଟି ଦରଜ ଭଳି ଲକ୍ଷଣ ଦେଖାଯାଉଛି ତେବେ ତୁରନ୍ତ ଆଶାକର୍ମୀ ଏବଂ ଏଏନ୍ଏମ୍‌ଙ୍କୁ ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।



ପୁରୀ ବେଳାଭୂମି ଆକାଶରେ ବୁଧବାର ଭାସୁଥିବା ବାଦଲ।

